# NATIONAL NEWS BULLETIN (ODIA)

**30 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

---

- ବୟନଶିଳ୍ପ ବର୍ଜ୍ୟବସ୍ତୁର ପରିଚାଳନା ବର୍ତ୍ତମାନ ସମୟର ସବୁଠାରୁ ବଡ ଆହ୍ୱାନ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ଛୁଟିରେ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଦେଲେ ପରାମର୍ଶ ।

- ମହାରାଷ୍ଟ୍ରର ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ ସେଣ୍ଟରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ବିହାର-ପାଟନା ଠାରେ ଆୟୋଜିତ ସମବାୟ ସମ୍ମିଳନୀରେ ଆଜି ଯୋଗଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ରାଜସ୍ଥାନ ଆଜି ପାଳନ କରୁଛି ତା'ର ପ୍ରତିଷ୍ଠା ଦିବସ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ ।

---

# ମନ୍ କି ବାତ୍

ବୟନଶିଳ୍ପ ବର୍ଜ୍ୟବସ୍ତୁର ପରିଚାଳନା ବର୍ତ୍ତମାନ ସମୟର ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି କେବଳ ଏକ ପ୍ରତିଶତରୁ କମ୍ ବୟନଶିଳ୍ପ ବର୍ଜ୍ୟବସ୍ତୁକୁ ନୂତନ ପୋଷାକ ପ୍ରସ୍ତୁତିରେ ପୁନଃ ବ୍ୟବହାର କରାଯାଏ । ଭାରତ ହେଉଛି ବିଶ୍ୱର ତୃତୀୟ ଦେଶ, ଯେଉଁଠାରେ ସର୍ବାଧିକ ବୟନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ । ପୁରୁଣା ପୋଷାକ ତ୍ୟାଗ କରି ନୂତନ ପୋଷାକ କିଣିବାର ଧାରା ଏବେ ବୃଦ୍ଧି ପାଉଛି । ଏହି କାରଣରୁ ବୟନ ବର୍ଜ୍ୟବସ୍ତୁର ପରିମାଣ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି । ଏହାର ମୁକାବିଲା ପାଇଁ ଭାରତରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । କେତେକ ଭାରତୀୟ ଷ୍ଟାଟ୍‌ଅପ୍ କମ୍ପାନୀ ବୟନଶିଳ୍ପ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଉପରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପୁରୁଣା ପୋଷାକ ଏବଂ ଜୋତାକୁ ପୁନଃ ବ୍ୟବହାରଯୋଗ୍ୟ କାର୍ଯ୍ୟରେ ଲଗାଯାଉଛି ଏବଂ ଅଭାବୀ ଲୋକଙ୍କୁ ଏହାକୁ ବଣ୍ଟନ ମଧ୍ୟ କରାଯାଉଛି । ବୟନଶିଳ୍ପ ବର୍ଜ୍ୟବସ୍ତୁରୁ ସାଜସଜା ସରଞ୍ଜାମ, ହାତ ବ୍ୟାଗ୍, ଖେଳନା ଭଳି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ।

ଜଳ ସଂରକ୍ଷଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗ୍ରୀଷ୍ମଋତୁ ଆସିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ଜଳ ସଂରକ୍ଷଣ ପାଇଁ

ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଦେଶରେ ହଜାର ହଜାର କୃତ୍ରିମ ପୋଖରୀ, ଚେକ୍‌ଡ୍ୟାମ, ନଳକୂପ ଆଦି ନିର୍ମାଣ କରାଯାଇଛି ବୋଲି ସେ କହିଛନ୍ତି । ଚଳିତବର୍ଷର 'କ୍ୟାଚ୍ ଦି ରେନ୍' ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଛି । ଜଳ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରିତା ବୃଦ୍ଧି ନେଇ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ଗତ ୮ ବର୍ଷ ମଧ୍ୟରେ ଜଳ ସଂରକ୍ଷଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଯୋଗୁଁ ୧୧ବିଲିୟନ ଘନମିଟରରୁ ଅଧିକ ଜଳ ସଂରକ୍ଷିତ କରାଯାଇ ପାରିଛି ବୋଲି ସେ କହିଛନ୍ତି ।

ଗ୍ରୀଷ୍ମ ଛୁଟିରେ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଦକ୍ଷତାବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇଥାଏ । ବର୍ତ୍ତମାନ ସମୟରେ ପିଲାଙ୍କର ଶିଖିବା ପାଇଁ ବିଭିନ୍ନ କ୍ଷେତ୍ର ଉନ୍ମୁକ୍ତ ରହିଛି ବୋଲି ସେ କହିଛନ୍ତି ।

**V/O (Children)**

ଗ୍ରୀଷ୍ମ ଛୁଟି ପାଇଁ ମାଇଁ ଭାରତ ସ୍ୱତନ୍ତ୍ର କ୍ୟାଲେଣ୍ଡର ସମ୍ପର୍କରେ ଶ୍ରୀ ମୋଦୀ ଏହି ଅବସରରେ ଉଲ୍ଲେଖ କରିଛନ୍ତି । ଏହି କ୍ୟାଲେଣ୍ଡର ମାଧ୍ୟମରେ ଗ୍ରହଣ କରାଯାଇଥିବା ପ୍ରୟାସଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୁସ୍ଥ ଜୀବନଶୈଳୀ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆନ୍ତର୍ଜାତିକ ଯୋଗ ଦିବସର ଅବଗଣନା ୧୦୦ ଦିନରୁ କମ୍ ରହିଛି । ଯୋଗକୁ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

**V/O (Yoga)**

ଖେଲୋଇଣ୍ଡିଆ ପାରା ଗେମ୍‌ସ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କ୍ରୀଡ଼ାବିତ୍‌ଙ୍କ ନିଷ୍ଠା ଓ ପ୍ରତିଭାକୁ ପ୍ରଶଂସା କରିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ହରିୟାଣା, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ୧୮ଟି ଜାତୀୟ ରେକର୍ଡ ସ୍ଥାପନ ହୋଇଥିବାବେଳେ ସେଥିରୁ ୧୨ଟି ମହିଳା ଖେଳାଳିଙ୍କ ଦ୍ୱାରା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦିଲ୍ଲୀରେ ଆୟୋଜିତ ହୋଇଥିବା ଫିଟ୍ ଇଣ୍ଡିଆ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୨୫ ହଜାର ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆଜିଠୁ ଆରମ୍ଭ ହୋଇଥିବା ଚୈତ୍ର ନବରାତ୍ରି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଉଥିବା ଭିନ୍ନ ଭିନ୍ନ ଲୋକପର୍ବ ପାଳନ ନେଇ ପ୍ରଧାନମନ୍ତ୍ରୀ ସଂପୃକ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପର୍ବଗୁଡ଼ିକ ଭାରତର ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପ୍ରେଜ୍ - ଫେଷ୍ଟିଭାଲ୍ ଗ୍ରିଟିଂସ୍

ଚୈତ୍ର ଶୁକ୍ଳାଦି, ଉଗାଡ଼ି, ଗୁଡ଼ି ପଡ଼ବା, ଚେତି ଚାନ୍ଦ୍, ନବ୍‌ରେହ୍, ଚୈତ୍ର ନବରାତ୍ରି ଏବଂ ସଜିବୁ ଚେଇରାଓବା ପର୍ବ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଦେଶବାସୀଙ୍କୁ ଶୁଭେଚ୍ଛା

ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ଏହିସବୁ ପର୍ବ ଭାରତୀୟ ନବବର୍ଷ ଆରମ୍ଭର ପ୍ରତୀକ ବୋଲି କହିଛନ୍ତି । ସେ କହିଛନ୍ତି, ଭାରତର ସାଂସ୍କୃତିକ ବିବିଧତା ଏବଂ ସାମାଜିକ ବନ୍ଧନ ବ୍ୟବସ୍ଥାକୁ ଯୋଡ଼ିବାରେ ଏହିସବୁ ପର୍ବ ସହାୟକ ହୋଇଥାଏ । ଲୋକମାନେ ଶସ୍ୟ ଅମଳପୂର୍ବକ ଉତ୍ସାହ ଓ ଆନନ୍ଦର ସହ ଏହି ପର୍ବ ପାଳନ କରିବା ସହ ପ୍ରକୃତି ପ୍ରତି କୃତଜ୍ଞତା ଜ୍ଞାପନ କରିଥା'ନ୍ତି । ରାଷ୍ଟ୍ରପତି ଏହି ଅବସରରେ ଜନସାଧାରଣଙ୍କୁ ଏକତା ଏବଂ ସଂହତିକୁ ସୁଦୃଢ଼ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଭାରତ ବର୍ଷରେ ନବବର୍ଷ ଆରମ୍ଭକୁ ଏହା ପ୍ରତିପାଦନ କରୁଛି ବୋଲି କହିଛନ୍ତି । ଏହି ଅବସରରେ ସେ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିଛନ୍ତି ।

## ପିଏମ୍-ମହା, ଛତିଶଗଡ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦରିଦ୍ର ଲୋକଙ୍କୁ ଉତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି । ଆୟୁଷ୍ମାନ ଭାରତ ଯୋଜନାର ସୁବିଧା ଦେଶବାସୀ ପାଇପାରୁଛନ୍ତି ବୋଲି ସେ କହିଛନ୍ତି । ମହାରାଷ୍ଟ୍ରର ନାଗପୁରଠାରେ ମାଧବ ନେତ୍ରାଳୟ ପ୍ରିମିୟମ ସେଣ୍ଟରର ଶିଳାନ୍ୟାସ କରିବା ଅବସରରେ ପ୍ରଧାନମନ୍ତ୍ରୀ ସୁଲଭ ମୂଲ୍ୟରେ ଔଷଧ ପାଇବା ନେଇ ଜନଔଷଧି କେନ୍ଦ୍ର

ଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱେଚ୍ଛାସେବୀମାନେ ଦେଶର ବିଭିନ୍ନ କ୍ଷେତ୍ରରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠାତା ଡକ୍ଟର କେଶବ ହେଡଗେୱାର ଏବଂ ମାଧବରାଓ ଗୋଲୱାଲକରଙ୍କ ଅବଦାନ ଉପରେ ପ୍ରଧାନମନ୍ତ୍ରୀ ଏହି ଅବସରୀରେ ଆଲୋକପାତ କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ନାଗପୁର ସହରରେ ଥିବା ସୌର ପ୍ରତିରକ୍ଷା ଏବଂ ଏରୋସ୍ପେଶ୍ ଲିମିଟେଡର ଟେଷ୍ଟିଂ ରେଞ୍ଜ ଏବଂ ରନୱେ ସୁବିଧାର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ଦୀକ୍ଷାଭୂମି ଗସ୍ତ କରି ଭାରତର ସମ୍ବିଧାନର ମୁଖ୍ୟ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜି ସକାଳେ ନାଗପୁରର ସ୍ମୃତିମନ୍ଦିର ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଛନ୍ତି । ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଛତିଶଗଡର ବିଳାସପୁର ଗସ୍ତରେ ଯାଇ ୩୩ହଜାର ୭୦୦କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଶରେ ଉତ୍ସର୍ଗ କରିବାର କାର୍ଯ୍ୟସୂଚୀ ରହିଛି ।

## ଅମିତ ଶାହା-ବିହାର ଭିଜିଟ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପାଟନାର ବାପୁ ସବାଗରଠାରେ ଆୟୋଜିତ ଏକ ସମବାୟ ସମ୍ମିଳନୀରେ ଆଜି ଉଦ୍‌ବୋଧନ ଦେବେ ।

ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ସ୍ମାରକୀ ଉଦ୍ଦେଶ୍ୟରେ ଆଜିର ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଦେଶର ବିଭିନ୍ନ ଭାଗରେ ଥିବା ସମବାୟ ସମିତି, ପ୍ୟାକ୍ସ, ଏଫ୍‌ପିଓ ଓ ବ୍ୟାପାର ମଣ୍ଡଳରୁ ଆସିଥିବା ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବା ଆଶା କରାଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ୮ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏଥିମଧ୍ୟରୁ ସମବାୟ କ୍ଷେତ୍ରକୁ ସୁଦୃଢ଼ୀକରଣ ନିମନ୍ତେ ୫୩୨ କୋଟି ଟଙ୍କାର ପ୍ରକଳ୍ପ ଅନ୍ତର୍ଭୁକ୍ତ । ଶ୍ରୀ ଶାହା ଗତକାଲି ସଂଧ୍ୟାରେ ପାଟନାଠାରେ ପହଞ୍ଚି ଆଗାମୀ ବିହାର ବିଧାନସଭା ନିର୍ବାଚନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବାକୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଦଳୀୟ ନେତୃମଣ୍ଡଳୀ ଏନ୍‌ଡିଏ ସହିତ ସମନ୍ୱୟ ରକ୍ଷାକରିବା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଥିଲେ ।

## ରାଜସ୍ଥାନ ପ୍ରତିଷ୍ଠା ଦିବସ

ରାଜସ୍ଥାନ ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ରାଷ୍ଟ୍ରପତି

ଶ୍ରୀମତୀ ମୁର୍ମୁ ରାଜସ୍ଥାନର ସମୃଦ୍ଧ ପରମ୍ପରା, ଆତିଥେୟତା ଓ ବିବିଧତା ମଧ୍ୟରେ ଐକ୍ୟ ଭାବକୁ ପ୍ରତିପାଦନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ରାଜସ୍ଥାନବାସୀ ସୁ-ସଂଗଠିତ ହୋଇ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ଧନଖଡ ଦେଶର ଗର୍ବ ଓ ଗୌରବ ଭାବେ ରାଜସ୍ଥାନ ବାସୀଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନ ବାସୀଙ୍କର ଅଦମ୍ୟ ସାହସ ଓ ଶକ୍ତିକୁ ପ୍ରଶଂସା କରିଛନ୍ତି । କଠିନ ପରିଶ୍ରମ ଏବଂ ନିଜର ପ୍ରତିଭା ବଳରେ ଏହି ରାଜ୍ୟ ଦେଶରେ ଆଶାତିତ ପ୍ରଗତି ହାସଲ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ବିଶାଖାପାଟଣାଠାରେ ପ୍ରଥମ ମ୍ୟାଚ୍‌ରେ ଅପରାହ୍ନ ସାଢ଼େ ୩ଟାରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଗୁଆହାଟୀଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ରାଜସ୍ଥାନ ରୟାଲ୍‌ସ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମୁହାଁମୁହିଁ ହେବେ ।